# REGIONAL NEWS BULLETIN

## $16^{th}$ May 2012 – Wednesday

## Evening News Buletin at 6.45 p.m.

*****************************************

### ମୁଖ୍ୟ ଖବର

- ପସ୍କୋ ପ୍ରକଳ୍ପ ପରିଚାଳନା ନିର୍ଦ୍ଦେଶକଙ୍କ ରାଜ୍ୟ ସରକାରଙ୍କ ସହ ଆଲୋଚନା ଆରମ୍ଭ ।

— ପ୍ରକଳ୍ପ ପୁନଃସ୍ଥାପନ ପ୍ରସ୍ତାବକୁ ପସ୍କୋ ବିରୋଧୀ ମଞ୍ଚର ବିରୋଧ ।

- ସରକାରଙ୍କ ଫରେଷ୍ଟ୍ରି ଛାତ୍ରଛାତ୍ରୀଙ୍କୁ ରେଞ୍ଜର ପଦବୀ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ନିଷ୍ପତ୍ତିକୁ ଓ.ୟୁ.ଏ.ଟି. ଛାତ୍ରଛାତ୍ରୀଙ୍କ ସ୍ୱାଗତ; ଆନ୍ଦୋଳନ ପ୍ରତ୍ୟାହୃତ ।

- ଉପକୂଳ ସୁରକ୍ଷା ଯୋଜନା ଦ୍ୱିତୀୟ ପର୍ଯ୍ୟାୟରେ ।

— ରାଜ୍ୟରେ ୧୩ଟି ଥାନାକୁ କେନ୍ଦ୍ରର ମଞ୍ଜୁରୀ ।

ଏବଂ

- କଳାହାଣ୍ଡି କପ୍ କ୍ରିକେଟ୍ ଫାଇନାଲ୍ କଟକଠାରେ ଆରମ୍ଭ ।

*****************************************

*BBSR, Jagatsinghpur/R*

### ପସ୍କୋ ବିରୋଧୀ ମଞ୍ଚ

ପସ୍କୋ ପ୍ରକଳ୍ପର ପରିଚାଳନା ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଶ୍ରୀ ୟୁନ୍ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ଭୁବନେଶ୍ୱର ସଚିବାଳୟଠାରେ ଅଳ୍ପ ସମୟ ପୂର୍ବରୁ ଉଚ୍ଚ ପଦାଧିକାରୀମାନଙ୍କ ଉପସ୍ଥିତିରେ ଏହି ବୈଠକ ଆରମ୍ଭ ହୋଇଛି । ଏଥିରେ ପାରାଦ୍ୱୀପ ନିକଟରେ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ଏକ କମ୍ କ୍ଷମତାସମ୍ପନ୍ନ ଇସ୍ପାତ କାରଖାନା ପ୍ରତିଷ୍ଠା କରିବାକୁ ଆଲୋଚନା ହେବାର ସମ୍ଭାବନା ରହିଛି । ଏଥିସହିତ କେନ୍ଦ୍ରୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ପକ୍ଷରୁ ପସ୍କୋକୁ ପରିବେଶ ମଞ୍ଜୁରୀ ସ୍ଥଗିତ କରାଯିବା ନେଇ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି ।

ପାରାଦ୍ୱୀପ ନିକଟବର୍ତ୍ତୀ ପ୍ରସ୍ତାବିତ ପସ୍କୋ ପ୍ରକଳ୍ପ ଅଞ୍ଚଳର ଗୋବିନ୍ଦପୁରଠାରେ ଆଜି ପସ୍କୋ ପ୍ରତିରୋଧ ସଂଗ୍ରାମ ସମିତି ପକ୍ଷରୁ ଏକ ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଛି । ଏଥିରେ ପସ୍କୋ ବିରୋଧୀ ନେତା ଅଭୟ ସାହୁ ଓ ଶିଶିର ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ସମୁଦାୟ ୪ହଜାର ୪ଏକର ଜମିରୁ ପସ୍କୋ ପ୍ରକଳ୍ପ ପ୍ରତ୍ୟାହାର କରାନଗଲେ ପସ୍କୋ ବିରୋଧୀ ଆନ୍ଦୋଳନ ଜାରି ରହିବ । ସୂଚନାଯୋଗ୍ୟ ଯେ, ଗତ କିଛିଦିନ ତଳେ ୪ହଜାର ୪ଏକର ଜମି ପରିବର୍ତ୍ତେ ୨,୭୦୦ ଏକର ଜମିରେ ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ ପ୍ରତିଷ୍ଠା ପସ୍କୋ ଇଣ୍ଡିଆ ସମ୍ମତି ପ୍ରକାଶ କରିଛି । ପସ୍କୋ ବିରୋଧୀମାନେ ଏହାର ପ୍ରତିବାଦରେ ଆଜି ସମାବେଶ କରିଛନ୍ତି ।

*****************************************

***Koraput/R***

## ମାଓ - ବନ୍ଦ

ଅପରେସନ ଗ୍ରୀନ ହଣ୍ଟ ବନ୍ଦ ସହ ରାଜନୈତିକ ବନ୍ଦୀଙ୍କ ଉପରୁ ମାମଲା ପ୍ରତ୍ୟାହାର ଦାବିରେ ମାଓବାଦୀ ସଂଗଠନଗୁଡ଼ିକ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାର ରାଜ୍ୟରେ ଖୁବ୍ କମ୍ ପ୍ରଭାବ ପଡ଼ିଛି । କୋରାପୁଟ ଜିଲାରେ ଦୋକାନବଜାର ଖୋଲାରହିଛି । ଯାନବାହନ ଚଳାଚଳ ମଧ୍ୟ ସ୍ୱାଭାବିକ ରହିଛି । ତେବେ ମାଲକାନଗିରି-ଜୟପୁର-ରାୟଗଡ଼ା ଦେଇ କଟକ ଭୁବନେଶ୍ୱର ଯାଉଥିବା ଦୂରଗାମୀ ବସ୍‌ସେବାକୁ ଆନ୍ଧ୍ରପ୍ରଦେଶ ମଧ୍ୟ ଦେଇ ଚଳାଯାଇଛି । ସୁରକ୍ଷାଦୃଷ୍ଟିରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ନାରାୟଣପାଟଣା, ବନ୍ଧୁଗାଁ ଓ ମାଛକୁଣ୍ଡ ଅଞ୍ଚଳରେ କିଛି ମାଓପୋଷ୍ଟର ଦେଖିବାକୁ ମିଳିଛି । ଏଥିରେ ଜାତୀୟ ଆତଙ୍କବାଦ ନିରୋଧ କେନ୍ଦ୍ର ଗଠନକୁ ବିରୋଧ କରାଯାଇଛି । କୋରାପୁଟ ପୁଲିସ କିନ୍ତୁ ସମଗ୍ର ଜିଲାରେ ହାଇଆଲର୍ଟ ଜାରୀ କରି ସୀମାନ୍ତ ଅଞ୍ଚଳରେ ବ୍ୟାପକ ପୁଲିସ ମୁତୟନ କରିଛନ୍ତି ।

*****************************************

***Malkangiri, Rayagada, Keonjhar/R***

## ବନ୍ଦ

ମାଲକାନଗିରି ଜିଲାରେ ମଧ୍ୟ ବନ୍ଦର ବିଶେଷ ପ୍ରଭାବ ପଡିନାହିଁ । ଜିଲାରେ ଘରୋଇବସ୍ ଚଳାଚଳ ସ୍ୱାଭାବିକ ଥିବାବେଳେ ସରକାରୀ ବସ୍ ଚଳାଚଳ ବନ୍ଦ ରହିଛି । ଏହି ଅବସରରେ ମାଓବାଦୀଙ୍କ ପକ୍ଷରୁ

ଏମ୍‌ଭି-୧୨୬ ନିକଟରେ ଏକ ବ୍ୟାନର ଲଗାଯାଇଥିବା ଜଣାପଡିଛି । ଏଥିରେ ବନ୍ଦ ଡାକରାକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି ।

ରାୟଗଡା ଜିଲାରେ ବନ୍ଦର ବିଶେଷ ପ୍ରଭାବ ପଡିନାହିଁ । ଜିଲାରେ ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ, ବ୍ୟାଙ୍କ ଏବଂ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲାରହିଛି । ଯାନବାହନ ଚଳାଚଳ ସ୍ୱାଭାବିକ ରହିଥିବାବେଳେ ଦୂରଗାମୀ କେତେକ ସରକାରୀ ଓ ବେସରକାରୀ ବସ୍ ଚଳାଚଳରେ ବାଧା ସୃଷ୍ଟି ହୋଇଛି ।

ଆମ କେନ୍ଦୁଝର ପ୍ରତିନିଧି ଜଣାଇଛନ୍ତି ଯେ, ଜିଲାରେ ବନ୍ଦର କୌଣସି ପ୍ରଭାବ ପଡିନାହିଁ । ଦୋକନବଜାର, ବ୍ୟାଙ୍କ ଆଦି ସମସ୍ତ କାର୍ଯ୍ୟାଳୟ ଯଥାରୀତି ଚାଲିଥିବା ବେଳେ ବସ୍ ଓ ଅନ୍ୟାନ୍ୟ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଛି ।

****************************************

***BBSR/C***

## ଶିଶୁଶ୍ରମିକ ପ୍ରଥା ଉଚ୍ଛେଦ

ଆସନ୍ତା ୨୦୧୪ ମସିହା ସୁଦ୍ଧା ରାଜ୍ୟରେ ଶିଶୁଶ୍ରମିକ ପ୍ରଥା ଲୋପପାଇବ ବୋଲି ଶ୍ରମମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ କହିଛନ୍ତି । ଭୁବନେଶ୍ୱରଠାରେ ସାମ୍ବାଦିକମାନଙ୍କୁ ସେ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ସମସ୍ତ ଜିଲାରେ ଶିଶୁଶ୍ରମିକମାନଙ୍କୁ ଚିହ୍ନଟ କରାଇ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ବିଦ୍ୟାଳୟଗୁଡ଼ିକରେ ସାମୟିକ ଶିକ୍ଷା ଦିଆଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ନିୟମିତ ବିଦ୍ୟାଳୟରେ ଏହି ଶିଶୁମାନଙ୍କ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଯିବ । ଏହାବ୍ୟତୀତ ବିଭିନ୍ନ ସରକାରୀ ବିଭାଗ ଶ୍ରମିକ ସଂଗଠନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ନେଇ ସବ୍‌କମିଟି ଗଠନ କରାଯିବ । ଏହି ସବ୍‌କମିଟି ଏକମାସ ମଧ୍ୟରେ ୨୦୧୪ସୁଦ୍ଧା ଶିଶୁଶ୍ରମିକ ପ୍ରଥା ଲୋପ କରିବାକୁ ଏକ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରିବ ।

****************************************

***Boudh/R***

## ଅଗ୍ନିକାଣ୍ଡ

ବୌଦ୍ଧ ଜିଲ୍ଲା ମନୁପାଲି ପଞ୍ଚାୟତର ମହଲି ଗ୍ରାମରେ ଆଜି ଅପରାହ୍ଣରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ଏ ସମ୍ପର୍କରେ ଘଟଣାସ୍ଥଳରୁ ଆମ ପ୍ରତିନିଧିଙ୍କ ରିପୋର୍ଟ :

***Voice :*** "ବୌଦ୍ଧଜିଲ୍ଲା ମନୁପାଲି ପଞ୍ଚାୟତର ମହଲି ଗ୍ରାମରେ ଆଜି ଭୟାବହ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ପ୍ରକୋପ ସାଙ୍ଗକୁ ଝାଞ୍ଜିପବନ ଫଳରେ ସମଗ୍ର ଗ୍ରାମକୁ ଅଗ୍ନି ବ୍ୟାପିଯାଇଛି । ବୌଦ୍ଧ, ବାଉଶୁଣି ଓ ସୋନପୁରର ଦମକଳ ବାହିନୀ ଆସି ନିଆଁଲିଭା କାର୍ଯ୍ୟରେ ଲାଗିଛନ୍ତି । ପ୍ରଶାସନ ପକ୍ଷରୁ ବିପନ୍ନମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି । ଘଟଣାସ୍ଥଳରେ ବି.ଡି.ଓ., ତହସିଲ୍‌ଦାର ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତି ତଦାରଖ କରୁଛନ୍ତି ।"

*****************************************

***BBSR/C***

## ସଂରକ୍ଷଣ ନିଷ୍ପତ୍ତି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଫରେଷ୍ଟ୍ରି ଛାତ୍ରଛାତ୍ରୀମାନଙ୍କ ପାଇଁ ରେଞ୍ଜ ଅଫିସରସ ପଦବୀ ୫୦ପ୍ରତିଶତ ସଂରକ୍ଷଣ ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ଆର୍. କେ. ଶର୍ମା ଏନେଇ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନିକଟକୁ ଏକ ପତ୍ର ଲେଖି କହିଛନ୍ତି ଯେ, ବିଏସ୍‌ସି ଫରେଷ୍ଟ୍ରି ଗ୍ରାଜୁଏଟ୍ ମାନଙ୍କ ପାଇଁ ଏହି ବ୍ୟବସ୍ଥା ଲାଗୁ କରାଯିବ । କ୍ୟାବିନେଟ୍ ଦ୍ୱାରା ଏନେଇ ନିୟମ ଚୂଡାନ୍ତ ହେବାପରେ ସିଧାସଳଖ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ । ସେ କହିଛନ୍ତି ଯେ, ଫରେଷ୍ଟ ରେଞ୍ଜ ଅଫିସରଙ୍କ ପଦବୀକୁ ଗ୍ରୁପ୍ ସିରୁ ଗ୍ରୁପ୍ ବିକୁ ଉନ୍ନିତ କରାଯାଇଛି ।

ଆଜି ଓ.ୟୁ.ଏ.ଟି. ବି.ଏସ୍‌ସି. ଫରେଷ୍ଟ୍ରୀ ସ୍ନାତକ ଛାତ୍ରଛାତ୍ରୀମାନେ ସରକାରଙ୍କ ଏହି ନିଷ୍ପତ୍ତି ଜାଣିବା ପରେ ସେମାନଙ୍କ ଆନ୍ଦୋଳନ ପ୍ରତ୍ୟାହାର କରିନେଇଛନ୍ତି । ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଙ୍ଗଲ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଏବଂ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

*****************************************

***Nuapada/R***

## ବି.ପି.ଏଲ୍. ସର୍ଭେ

ନୂଆପଡା ଜିଲା ସିନାପାଲି ବ୍ଲକ ମଣ୍ଡବାହାଲୀ ଗ୍ରାମରେ ବିପିଏଲ୍ ସର୍ଭେ କରିବାକୁ ଯାଇଥିବା ଦୁଇଜଣ କର୍ମଚାରୀ, କେତେକ ଲୋକଙ୍କଠାରୁ ବିପିଏଲ୍ ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଟଙ୍କା ଆଦାୟ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି । ଖଡ଼ିଆଳ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏହି ଦୁଇ ଅଭିଯୁକ୍ତଙ୍କ ବେଲ୍ ଆବେଦନ

ଖାରଜ କରି ସେମାନଙ୍କୁ ଜେଲକୁ ପଠାଇ ଦେଇଛନ୍ତି । ଜିଲାର ପ୍ରକୃତ ହିତାଧିକାରୀମାନେ ବିପିଏଲ୍ ତାଲିକାରୁ ବାଦ୍ ପଡ଼ିଯାଉଥିବାରୁ ଚଳିତ ସର୍ଭେକୁ ଜିଲା ପ୍ରଶାସନ ଗୁରୁତ୍ୱର ସହ ପରିଚାଳନା କରୁଛନ୍ତି ।

*****************************************

*PIB*

## ଉପକୂଳ ଥାନା

ଦ୍ୱିତୀୟ ପର୍ଯ୍ୟାୟ ଉପକୂଳ ସୁରକ୍ଷା ଯୋଜନା ଅଧୀନରେ ରାଜ୍ୟରେ ୧୩ଟି ଉପକୂଳ ଥାନା ପ୍ରତିଷ୍ଠା ପାଇଁ ମଞ୍ଜୁରୀ ପ୍ରଦାନ କରାଯିବ । ଏହି ଥାନାଗୁଡ଼ିକ ତଳସାରୀ, କାଶିଆ, କାଠଫିଲ, ଅସ୍ତରଙ୍ଗ, ତାଳଚୁଆ, ଡାଙ୍ଗମାଳ, ବନ୍ଦର, ଚନ୍ଦ୍ରଭାଗା, ଶଙ୍ଖଚୂଡ଼, ଅରକୁଦ, ସୋନପୁର, ଚୂଡ଼ାମଣି ଓ ଚାନ୍ଦିନୀପାଳଠାରେ ପ୍ରତିଷ୍ଠା ହେବ । ଏଥିପାଇଁ କେନ୍ଦ୍ର ସରକାର ପ୍ରାୟ ୨ କୋଟି ୨୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଓଡ଼ିଶାର ୧୩ଟି ସମେତ ଦ୍ୱିତୀୟ ପର୍ଯ୍ୟାୟରେ ଦେଶରେ ୧୩୧ଟି ଉପକୂଳ ଥାନା ପ୍ରତିଷ୍ଠା କରାଯାଉଛି ବୋଲି ରାଜ୍ୟ ସଭା ସଦସ୍ୟ ବୈଷ୍ଣବ ପରିଡ଼ାଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ମୁଲ୍ଲାପାଲ୍ଲୀ ରାମଚନ୍ଦ୍ରନ ପ୍ରକାଶ କରିଛନ୍ତି ।

*****************************************

*Sonepur/R*

## ଧାନ ଉତ୍ପାଦନ

ସର୍ବାଧିକ ଧାନ ଉତ୍ପାଦନ କରି ସୁବର୍ଣ୍ଣପୁର ଜିଲ୍ଲା ସମଗ୍ର ରାଜ୍ୟରେ ପୁଣି ଥରେ ପ୍ରଥମ ହୋଇଛି । ରାଷ୍ଟ୍ରୀୟ କୃଷିବିକାଶ ଯୋଜନା ଅନ୍ତର୍ଗତ ଉତ୍ତର ପୂର୍ବ ରାଜ୍ୟରେ ସବୁଜ ବିପ୍ଳବ ଅଭିଯାନରେ ଚାଲିଥିବା ଡାଲୁଅ ଧାନଚାଷରେ ମାତ୍ର ଗୋଟିଏ ହେକ୍ଟରରୁ ଏକ ଶହ କ୍ୱିଣ୍ଟାଲ ଧାନ ଉତ୍ପାଦନ କରିପାରିଛନ୍ତି ଜିଲ୍ଲାର ଚାଷୀ । ହୀରାକୁଦ ସେଚଅଞ୍ଚଳର ଡୁଙ୍ଗୁରିପାଲି ବ୍ଲକ୍‌ର ସମଲେଇଚୁଆଁ, ସାଲେପାଲି ଓ ନଙ୍ଗଳକଣ୍ଟା ଗାଁର ତିନିଜଣ ଚାଷୀଙ୍କ ଚାଷ ଜମିରୁ ପରୀକ୍ଷାମୂଳକ ଭାବେ ଏହି ଧାନ ଅମଳ କରାଯାଇଛି । ହଜାର ଏକ ପରି ଏକ ସାଧାରଣ କିସମ ଧାନଚାଷରୁ ଏତେ ଅଧିକ ଉତ୍ପାଦନ ହେବା ଆମ ରାଜ୍ୟପାଇଁ ଏକ ଗୌରବର କଥା ବୋଲି ସୁବର୍ଣ୍ଣପୁର ଉପ କୃଷି ନିର୍ଦ୍ଦେଶକ ଡକ୍ଟର ବିଜୟାନନ୍ଦ ମହାନ୍ତି ଆକାଶବାଣୀକୁ କହିଛନ୍ତି :

*Voice : "ଚଳିତ ରବିଋତୁରେ ଆମେ ଡୁଙ୍ଗୁରିପାଲି ବ୍ଲକ୍‌ରେ ନେଇଥିଲୁ ହଜାରେ ହେକ୍ଟର । ସେହି ହଜାରେ ହେକ୍ଟରରେ ଚାଷୀମାନଙ୍କୁ ଧାନଯନ୍ତ୍ରଦ୍ୱାରା ଧାଡ଼ିରୁଆ ଲାଗି ଶିକ୍ଷା ଦେଇଥିଲୁ । ସେହି ଧାଡ଼ିରୁଆ କରିବା ଫଳରେ ଲୋକମାନଙ୍କୁ ଭଲ ପ୍ରଭାବ ପକାଇଲା । ଆମେ କାଲି ଗୋଟେ କ୍ଷେତ୍ରଦିବସ କରିଥିଲୁ । ପାରମ୍ପରିକ ଧାନ ହେଲେ ଯେତେ ଧାନ ହୁଏ, ଏଥିରେ ତା'ଠାରୁ ୩୦ ଭାଗ ଅଧିକା ଧାନ ପାଉଛନ୍ତି ।"*

*************************************************

***Angul/R***

## ଜିନ୍ଦଲ

ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍‌ର ଡେରଙ୍ଗଠାରେ ନିର୍ମାଣାଧୀନ 'ଜିନ୍ଦଲ ଇଣ୍ଡିଆ ଥର୍ମାଲ ପାୱାର ଲିମିଟେଡ୍'ର ପାଇପ୍ ଲାଇନ୍‌କୁ କ୍ଷତିଗ୍ରସ୍ତ ଗ୍ରାମବାସୀ ବିରୋଧ କରି ବନ୍ଦ କରିଦେବା ସହ ଗଦାଶିଳାଠାରେ ଏହି ପ୍ରକଳ୍ପପାଇଁ ନିର୍ମାଣ କରାଯାଉଥିବା ପମ୍ପ ହାଉସ୍ କାର୍ଯ୍ୟକୁ ମଧ୍ୟ ବନ୍ଦ କରିଦେଇଛନ୍ତି । ଆନ୍ଦୋଳନକାରୀ ମହିଳାମାନେ କମ୍ପାନୀର ଦୁଇଜଣ ପଦସ୍ଥ କର୍ମଚାରୀଙ୍କୁ ଅଟକ ରଖିଛନ୍ତି । କ୍ଷତିଗ୍ରସ୍ତ ସମସ୍ତ ଜମିକୁ ଅଧିଗ୍ରହଣ, ଉପଯୁକ୍ତ କ୍ଷତିପୂରଣ, ଥଇଥାନ, ନିଯୁକ୍ତି ଓ ପାରିପାର୍ଶ୍ୱିକ ଉନ୍ନୟନ ଦାବୀରେ ପ୍ରଭାବିତ ଲୋକମାନଙ୍କର ଏହି ଆନ୍ଦୋଳନ ଯୋଗୁଁ ସମଗ୍ର କଣିହାଁ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି । କଣିହାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଟକ ଦୁଇ କର୍ମଚାରୀଙ୍କୁ ଆନ୍ଦୋଳନକାରୀ ଛାଡ଼ିଦେଇଛନ୍ତି । ବର୍ତ୍ତମାନ ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି ବୋଲି ଆମ ପ୍ରତିନିଧି ଜଣାଇଛନ୍ତି ।

*************************************************

***Deogarh/R***

## ସୁଢ଼ଳ ଦେବଙ୍କ ଜୟନ୍ତୀ

ଓଡ଼ିଶାର ମହାନ୍ ସାରସ୍ୱତ ସାଧକ ତଥା ଉତ୍କଳ ଭାଷା ଆନ୍ଦୋଳନର ପ୍ରଥମ ପୁରୋଧା ଦେବଗଡ଼ର ପୂର୍ବତନ ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ୧୬୨ତମ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲ୍ଲା ଓକିଲ ସଂଘ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଉଦ୍ୟମରେ ଆୟୋଜିତ ଏହି ଉତ୍ସବରେ ଦେବଗଡ଼ ଜିଲ୍ଲାପାଳ ଜୁଲିୟସ୍ ଲାକ୍ରା, ଏସ୍.ପି. ସତ୍ୟଜିତ ନାୟକ, ଏ.ଡି.ଜେ. ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ସଂଘର

ସଭାପତି ସୂର୍ଯ୍ୟ କୁମାର ମିଶ୍ର, ରାଜାଙ୍କ ଦାୟାଦ ରୋହିତ ଗଙ୍ଗ ଦେବ ପ୍ରମୁଖ ଯୋଗ ଦେଇ ପୂର୍ବତନ ବାମଣ୍ଡା ତଥା ବର୍ତ୍ତମାନର ଦେବଗଡ଼ ଜିଲ୍ଲା ରାଜାଙ୍କ ସମୟରେ ଓଡ଼ିଶାର ଉଜ୍ଜୟିନୀ ଏବଂ ସାର୍ ବାସୁଦେବ ସୁଢ଼ଳ ଦେବ, ବିକ୍ରମାଦିତ୍ୟ ବୋଲି ବର୍ଣ୍ଣନା କରିଥିଲେ । ଓଡ଼ିଶାର ପ୍ରଥମ ମୋଟରଗାଡ଼ି, ପ୍ରଥମ ଡାକ ଓ ତାର ବିଭାଗ, ପ୍ରଥମ କେନାଲ ବ୍ୟବସ୍ଥା, ଗଡ଼ଜାତର ପ୍ରଥମ ଛାପାଖାନା ପ୍ରତିଷ୍ଠା କରିବା ସହିତ ଭାରତର ପ୍ରଥମ ଓ ଏସିଆ ମହାଦେଶର ୨ୟ ଜଳବିଦ୍ୟୁତ୍ ପ୍ରକଳ୍ପ କୋରଡ଼କୋଟଠାରେ ସେ ଆରମ୍ଭ କରିଥିଲେ । ତତ୍ସହିତ ବାଲ୍ୟବିବାହ ଉଚ୍ଛେଦ ଏବଂ ନିଶା ନିବାରଣ ଆଇନ ପ୍ରଣୟନ କରିବା ସହିତ ଶିକ୍ଷା ଅଧିକାର ଆଇନ ମଧ୍ୟ ପ୍ରଚଳନ କରିଥିଲେ । ତେଣୁ ଦେବଗଡ଼ ବୁଦ୍ଧ ହଂସକେଳୀ ସର ନାମରେ ମଧ୍ୟ ଜଣାଶୁଣା । ଶେଷରେ ଉପସଭାପତି ଦିଲ୍ଲୀପ କୁମାର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ ।

***************************************

*OCA*

## ଖେଳ - କ୍ରିକେଟ୍

କଳାହାଣ୍ଡି କପ୍ କ୍ରିକେଟ୍-୨୦୧୨ ଫାଇନାଲ ଆଜିଠାରୁ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ୧ ନମ୍ବର ପଡ଼ିଆରେ ଆରମ୍ଭ ହୋଇଛି । ଏଥିରେ କଟକ-ଏ ଓ ପୂର୍ବତଟ ରେଳବାଇ ମଧ୍ୟରେ ମୁକାବିଲା ହେଉଛି । ଚାରିଦିନିଆ ଖେଳର ଆଜି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ପୂର୍ବତଟ ରେଳବାଇ ଛଅ ଓ୍ୱିକେଟ୍ ହରାଇ ୩୪୫ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ସମୀର ମହାନ୍ତି ସର୍ବାଧିକ ୧୭୨ ରନ୍ କରି ଅପରାଜିତ ରହିଥିବା ବେଳେ କଟକ-ଏର ନିରଞ୍ଜନ ବେହେରା ୩୫ ରନ୍ ବିନିମୟରେ ତିନିଟି ଓ୍ୱିକେଟ୍ ଅକ୍ତିଆର କରିଛନ୍ତି ।

***************************************

*Official*

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ପ୍ରାୟ ଏକ ସପ୍ତାହ ହେବ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିବା ରେକର୍ଡ଼ କରାଯାଇଛି । ତେବେ ସର୍ବାଧିକ ୪୫ ଡିଗ୍ରୀ ସେଲ୍ସିୟସ୍ ତାପମାତ୍ରା ସୁବର୍ଣ୍ଣପୁରଠାରେ ରେକର୍ଡ଼ କରାଯାଇଛି । ଏ ସମ୍ପର୍କରେ ସୁବର୍ଣ୍ଣପୁର ପ୍ରତିନିଧି ବେଣୁଧର ପ୍ରଧାନଙ୍କ ରିପୋର୍ଟ :

**Voice :** "ପ୍ରଚଣ୍ଡ ଖରାତାତିରେ ସମଗ୍ର ପଶ୍ଚିମ ଓଡ଼ିଶାର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ସୁବର୍ଣ୍ଣପୁର ହୋଇପଡ଼ିଛି ତାତିଲା ତେଲ କଡ଼େଇ । ଦିନର ତାପମାତ୍ରା ୪୫ ଡିଗ୍ରୀ ଛୁଇଁଥିବାବେଳେ ଗାଁଠାରୁ ସହର ଦେଖାଦେଇଛି ଉତ୍କଟ ଜଳସଙ୍କଟ । ଏଥିସହିତ ଅଘୋଷିତ ବିଦ୍ୟୁତ୍‌କାଟ ପରିସ୍ଥିତିକୁ ଅଧିକ ସଙ୍ଗିନ କରିଦେଇଛି ।"

*****************************************